### ଟାଟା ଟି ଆନ୍ତଃସ୍କୁଲ ଫୁଟବଲ

# ସମ୍ବଲପୁର ଚାମ୍ପିଅନ

**ଭୁବନେଶ୍ୱର,ତା୨୯।୧୨(ପିଏନଏସ):** ଭୁବନେଶ୍ୱର ଆଥଲେଟିକ ଆସୋସିଏସନ ଆନୁକୂଲ୍ୟରେ ଚାଲିଥିବା ଟାଟା ଟି ଫୁଟବଲ ଟୁର୍ଣ୍ଣାମେଣ୍ଟ କଳିଙ୍ଗ ଷ୍ଟାଡିୟମରେ ଉଦଯାପିତ ହୋଇଛି। ଫାଇନାଲରେ ଟାଉନ ହାଇସ୍କୁଲ, ସମ୍ବଲପୁର କଟକର ସୟଦ ସେମିନାରୀକୁ ୩-୨ ଗୋଲରେ ପରାସ୍ତ କରି ଏହି ଟୁର୍ଣ୍ଣାମେଣ୍ଟରେ ଚମ୍ପିଅନ ହୋଇଛି। ଉଦଯାପନୀ ଉତ୍ସବରେ ଅତିଥି ଭାବେ ଅନ୍ତର୍ଜାତୀୟ କରାଟେ ଚମ୍ପିଅନ ଭାଲିନା ଭାଲେଣ୍ଟିନା, ଅରବିନ୍ଦ ମିତ୍ର, ନବରଞ୍ଜନ ପଟ୍ଟନାୟକ, ରଘୁନାଥ ପଣ୍ଡା, ନରେନ୍ଦ୍ର ସେଠୀ, କୁମାର ରଞ୍ଜନ ପଣ୍ଡା ଉପସ୍ଥିତ ଥିଲେ। ଉଲ୍ଲେଖଥାଉକି, ଇଣ୍ଟରମିଲାନ କ୍ଲବର ସାରା ବିଶ୍ୱରେ ପ୍ରତିଭା ଚିହ୍ନଟ କାର୍ଯ୍ୟକ୍ରମ ଅଧିନରେ ଭାରତର ୧୫ଟି ସ୍ଥାନରୁ ଭୁବନେଶ୍ୱରରେ ହୋଇଥିବା ଏହି ୧୪ବର୍ଷରୁ କମ ଟୁର୍ଣ୍ଣାମେଣ୍ଟରେ ୩୪ଟି ବିଦ୍ୟାଳୟ ଭାଗ ନେଇଥିଲେ। ପ୍ରଖ୍ୟାତ ଫୁଟବଲର ମହମ୍ମଦ ନାସିର ପ୍ରତିଭା ଚୟନ କରିଥିଲେ। ରାକେଶ ଓରାମ ଓ ପ୍ରକାଶ ନାୟକ ଶ୍ରେଷ୍ଠ ପ୍ରତିଭା ଭାବେ ମନୋନୀତ ହୋଇଛନ୍ତି।



ଟାଟା ଟି ଆନ୍ତଃସ୍କୁଲ ଫୁଟବଲ: ଟ୍ରଫି ସହ ସମ୍ବଲପୁର ଟାଉନ ହାଇସ୍କୁଲ ଖେଳାଳି